ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା

## ଓଡିଆ ଭାଷା ସାହିତ୍ୟ ବିଭାଗ

# ପାଠଚକ୍ର

**ବିଷୟ : -**

# "ଓଡିଆ ଲୋକ ନାଟକର ଆଙ୍ଗିକ ଓ ଆତ୍ମିକ ବିଭବ"

ଆଲୋଚକ - ଅଧ୍ୟାପକ ଦିଲ୍ଲୀପ କୁମାର ମହାପାତ୍ର

ତା - ୦୨.୦୯.୨୦୧୭ ରିଖ

ଶନିବାର

# ବିବରଣୀ

ଅଦ୍ୟ ତା ୦୨.୦୯.୨୦୧୭ ରିଖ ଶନିବାର ପୂର୍ବାହ୍ନ ୧୦ ଘଟିକା ସମୟରେ ଓଡିଆ ଭାଷା ସାହିତ୍ୟ ବିଭାଗ ତରଫରୁ "ଓଡିଆ ଲୋକ ନାଟକର ଆଙ୍ଗିକ ଓ ଆତ୍ମିକ ବିଭବ" ଶିର୍ଷକ ଆଲୋଚନା ଚକ୍ର ବିଭାଗୀୟ ମୁଖ୍ୟ ପ୍ରାଧାପକ ଡକ୍ଟର ନୀଳମଣି ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ୟୁ.କେ. ମହାବୀର ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧାପକ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ମହାପାତ୍ର ମୁଖ୍ୟ ଆଲୋଚକ ଭାବରେ ଯୋଗ ଦେଇ ଓଡିଆ ଲୋକ ନାଟକର ଆଙ୍ଗିକ ଓ ଆତ୍ମିକ ବିଭବ ସମ୍ପର୍କରେ ଆଲୋଚନା କରିଥିଲେ । ବରିଷ୍ଠ ପ୍ରାଧାପିକା ଡକ୍ଟର ପ୍ରେମଲତା ରାଉତ, ପ୍ରାଧାପକ ପ୍ରମୋଦ କୁମାର ସାଇଁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅଧାପିକା ଲକ୍ଷ୍ମୀପ୍ରିୟା ପାତ୍ର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ପ୍ରସ୍ତୁତ କରିଥିବା ନିଜର ଭିତ୍ତି ପ୍ରବନ୍ଧ ପାଠ କରିଥିଲେ ।

ନୀଳମଣି ଲେଙ୍କା
ବିଭାଗୀୟ ମୁଖ୍ୟ
୨/୯/୨୦୧୭

## ଓଡିଆ ଲୋକନାଟକର ଆଙ୍ଗିକ ଓ ଆତ୍ମିକ ବିଭବ :- ଅଧ୍ୟାପକ ଦିଲ୍ଲୀପ କୁମାର ମହାପାତ୍ର

କର୍ମକ୍ଳାନ୍ତ ମଣିଷ ତା'ର ଶ୍ରମର ଲାଘବ ପାଇଁ ତଥା ଅବସର ବିନୋଦନ ପାଇଁ ମନୋରଞ୍ଜନର ଯେତେଗୁଡିଏ ମାଧ୍ୟମ ଗ୍ରହଣ କରିଆସିଛି ତନ୍ମଧ୍ୟରୁ ନାଟକ ଅନ୍ୟତମ । ଏହି ନାଟକ ଆଜିର ଆଧୁନିକ ସମାଜରେ ଯୋପରି ପରୀକ୍ଷା ନିରୀକ୍ଷାର ବିଷୟ ହୋଇଛି ଏବଂ ଏଥିରେ ଯେପରି ସମୟରୁ ସମୟ ନାନା ପରିବର୍ତନ ଉପାଦାନ ସଂଯୋଜିତ ହେବାରେ ଲାଗିଛି ବହୁ ଅତୀତରେ ଏହାର ଅବସ୍ଥା ସେପରି ନଥିଲା । ଏହି ନାଟକ ଲୋକନାଟକ ପର୍ଯ୍ୟାୟରେ ଅଭିନୀତ ହେବାବେଳକୁ ଏହାର ସ୍ୱରୂପ ଓ ସଂଜ୍ଞା ଆଜିର ନାଟକଠାରୁ ବହୁ ଅର୍ଥରେ ଥିଲା ଭିନ୍ନ ।

॥ ୧ ॥ ପ୍ରକୃତରେ ଓଡିଆ ସାହିତ୍ୟର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଆଧୁନିକ ନାଟକ ସୃଷ୍ଟି ହେଲା ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ । କିନ୍ତୁ ଏହି ସମୟର ବହୁବର୍ଷ ପୂର୍ବରୁ ଓଡିଆ ଲୋକନାଟକ ତା'ର ସ୍ଥିତି ପ୍ରତିଷ୍ଠା କରିସାରିଥିଲା । ଏହି ଲୋକନାଟକରେ ନାଚ, ଗୀତ ଓ ଅଭିନୟର ଅପୂର୍ବ ସମନ୍ୱୟ ଘଟିଥାଏ । ଉତ୍କଳର ପୁରପଲ୍ଲୀରେ ଅଭିନୀତ ହେଉଥିବା ଏହି ସବୁ ପଲ୍ଲୀପ୍ରାଣ ନାଟକଗୁଡିକରେ ଅଭିନୟ ପରିସର ଯେତିକି ବ୍ୟାପକ ଏହାର ଦର୍ଶକ ମଧ୍ୟ ସମପରିମାଣରେ ବିଶାଳ ଅଟନ୍ତି ।

ଲୋକନାଟ୍ୟ ମୁଖ୍ୟତଃ ପରସ୍ପର ସମ୍ବନ୍ଧଯୁକ୍ତ ତିନୋଟି ବିଭାଗରେ ବିଭକ୍ତ । ପ୍ରଥମତଃ ଲୀଳା, କୌତୁକ ଇତ୍ୟାଦି । ଦ୍ୱିତ୍ୟୟତଃ, ସଖୀନାଟ, ମୋଗଲତାମସା ଓ ଦଧି ପ୍ରଭୃତି ଏହି ଲୋକନାଟକର ପରିସର ଭୁକ୍ତ । ଏଥିରେ ଗଦ୍ୟ ଅପେକ୍ଷା ସଙ୍ଗୀତର ପ୍ରାଧାନ୍ୟ ଅପେକ୍ଷାକୃତ ଅଧିକା । ତୃତୀୟତଃ, ଗୀତିନାଟ୍ୟ, ଏହା ସର୍ବାଧିକ ପରିଚିତ ଲୋକନାଟକ ଅଟେ । ଏଥିରେ ଗଦ୍ୟ ଓ ପଦ୍ୟ ଉଭୟର ପ୍ରାଧାନ୍ୟ ସୀକୃତ । ବିଭିନ୍ନ ନାଟୁଆ ଦଳ ଦ୍ୱାରା ଏହା ଅଭିନୀତ ହୁଏ ।

**ଲୋକନାଟକର ରଂଗମଂଚ** – ଓଡିଆ ଲୋକନାଟକର ମଂଚ ଅତି ସାଧାରଣ ତଥା ଅକପଟ ସାଜସଜ୍ଜାର ମଂଚଟିଏ । କାରଣ ଅଧିକାଂଶ ଲୋକନାଟକ ମୁକ୍ତ ଆକାଶ ତଳେ ଘାସ ଗାଲିଚା ଉପରେ ଅଭିନୀତ ହେଉଥିଲା । କେବେ କେମିତି ସେହି ଘାସ ଉପରେ ମସିଣା କିମ୍ବା ଦରିଥିଏ ପଡିଥାଏ । ଘାସ ଉପରେ ଚିହ୍ନିତ ସେହି ନିର୍ଦ୍ଦିଷ୍ଟ ଜାଗାଟିକୁ ମଂଚ ଭାବରେ ଚିହ୍ନିତ କରିବା ପରେ, ମଂଚକୁ ସାଜଘରେ ପର୍ଯ୍ୟନ୍ତ ଅଭିନେତା ଓ ଅଭିନେତ୍ରୀମାନଙ୍କର ଚଳପ୍ରଚଳ ପାଇଁ ସରୁ ରାସ୍ତାଟିଏ ଥାଏ । କେବେ କେମିତି ଖଟ ପକାଇ ଏକ ଅସ୍ଥାୟୀ ମଂଚ ନିର୍ମାଣ କରାଯାଇଥାଏ । ମଂଚ ବୋଲି କୁହାଯାଉଥିବାର ଚାରିପାଖରେ ଖୁଣ୍ଟ ସବୁ ଯାଇଥାଏ । ଦୁଇ ଖୁଣ୍ଟକୁ ସଂଯୋଗ କରୁଥିବା ବାଉଁଶରେ ଡେ-ଲାଇଟ୍ ବନ୍ଧା ହୋଇଥାଏ । ଏହି ଡେ-ଲାଇଟ୍ କିମ୍ବା ପେଟ୍ରୋମାକ୍ସ ଲାଇଟ୍ ପ୍ରଚଳନ ପୂ ରଂଗମଂଚରେ ମଶାଲ ଜାଳି ଅଭିନୟ ପ୍ରଦର୍ଶନ କରାଯାଉଥିଲା । ସେଥିପାଇଁ ମଶାଲ ଧରିବା

ପାଖରେ ଗୋଲାକାର ହୋଇ ଦର୍ଶକମାନେ ଚକାମାଡି ବସିଥାନ୍ତି । ହାର୍‌ମୋନିୟମ୍, ଢୋଲକି, ଡିବୁତାବଲା ଏବଂ ଅନ୍ୟ କେତେକ ବାଦ୍ୟଯନ୍ତ୍ର ଧରି ବାଦ୍ୟକାରମାନେ ମଂଚତଳକୁ ଗୋଟିଏ ପାଖରେ ବସିଥାନ୍ତି । ମଂଚର ସ୍ଥୂଳ ବିଶେଷରେ ପର୍ବତ, ଝରଣା କିମ୍ବା ଯୁଦ୍ଧକ୍ଷେତ୍ରର ଦୃଶ୍ୟଥାଏ । ଆବଶ୍ୟକ ହେଲେ ଅଭିନେତା ଅଭିନେତ୍ରୀମାନେ ଶୂନ୍ୟକୁ ଆଙ୍ଗୁଳି ନିର୍ଦ୍ଦେଶ କରି ସଂଳାପ ମାଧ୍ୟମରେ ସେହି ସବ ଦୃଶ୍ୟର ଇନ୍ଦ୍ରଜାଲ ଦର୍ଶକମାନଙ୍କର ସମାନରେ ସୃଷ୍ଟି କରନ୍ତି ।

**ଲୋକନାଟକରେ ଚରିତ୍ର** - ଲୋକନାଟକରେ ପୌରାଣିକ କାଳ୍ପନିକ ଆଦି ବିଷୟବସ୍ତୁ ପରିବେଷିତ ହେଉଥିବାରୁ ଏଥିରେ ଉଭୟ ନାରୀ ଓ ପୁରୁଷ ଚରିତ୍ର ଦେଖିବାକୁ ମିଳେ । ମାତ୍ର ନାରୀ ଭୂମିକାରେ ପୁରୁଷମାନେ ହିଁ ଅଭିନୟ କରନ୍ତି । ଲୀଳା ପରି ଲୋକନାଟକଗୁଡିକରେ ସେହି ଚରିତ୍ରମାନେ ନିଜେ ହିଁ ନିଜର ପରିଚୟ ପ୍ରଦାନ କରିଥାଆନ୍ତି । ଉଦାହରଣ ସ୍ୱରୂପ ହନମାନ ମନ୍ଦିରକୁ ପ୍ରବେଶ କରିବା ମାତ୍ରେ ନିଜେ ନିଜେ ଆବୃତି କରେ - " ଏହା କହି ହନୁମନ୍ତ ସତ୍ୱରେ ପଶିଲା ହୋ" । ଏହିପରି ଭାବରେ ଓଡିଆ ଲୋକନାଟକ ଧାରାକୁ ସହଜରେ ଗ୍ରହଣ କରି ବିଶ୍ୱ ଦରବାରରେ ଓଡିଆ ଲୋକନାଟକର ପ୍ରଭୁତ୍ୱ ତଥା ପ୍ରତିଭାକୁ ବହୁଗୁଣରେ ସମ୍ମାନିତ କରିପାରିଛୁ ।

**ଓଡିଆ ଲୋକନାଟକର ରସ** - ॥ ୨ ॥ ଓଡିଆ ଲୋକନାଟକରେ ନବରସ ମଧ୍ୟରୁ ମୁଖ୍ୟତଃ ଶୃଙ୍ଗାର, ହାସ୍ୟ, କରୁଣ, ବୀର ଓ ବାତ୍ସଲ୍ୟ ରସ ବ୍ୟବହାର ହୋଇଥିବାର ଦେଖାଯାଏ । ରସ ନଥିଲେ ସାହିତ୍ୟ ଶୁଷ୍କ ହୋଇଯାଏ । ରସ ହିଁ ସାହିତ୍ୟର ପ୍ରାଣ । ସାହିତ୍ୟକୁ ସରସ ସୁନ୍ଦର କରି ଗଢି ତୋଳିବାରେ ରସର ଭୂମିକା ଯଥେଷ୍ଟ ରହିଛି । ତେଣୁ ଓଡିଆ ଲୋକନାଟକରେ ଯେଉଁ ଯେଉଁ ରସ ରହିଛି ତାହା ନିମ୍ନମତେ ଆଲୋଚନା କରାଯାଇଛି ।

**ଶୃଙ୍ଗାର ରସ** - ଶୃଙ୍ଗାର ରସ ହେଉଛି ରସ ଶ୍ରେଷ୍ଠ । ନାୟକ ନାୟିକାଙ୍କ ପରସ୍ପର ଗୁଣ, କୀର୍ତନ, ଶୋଭା ବର୍ଣ୍ଣନା, ହାବ ଭାବ, ବିଭିନ୍ନ କ୍ରିୟାକଳାପ ଏବଂ କ୍ରୀଡା ଶୃଙ୍ଗାର ସୃଷ୍ଟି କରିଥାଏ ବୈଷ୍ଣବ ଶାସ୍ତ୍ରରେ ଏହା ମଧୁର ରାସ ଭାବରେ ଖ୍ୟାତ । ବିଶେଷ ଭାବରେ ଓଡିଆ ଲାକନାଟକ ରାଧାକୃଷ୍ଣ, ଗୋପୀ - କୃଷ୍ଣ, ଚନ୍ଦ୍ରାବଳୀ - କୃଷ୍ଣଙ୍କ ମଧ୍ୟରେ ଏହି ରସ ପ୍ରକାଶ ଲାଭ କରିଛି । ଅନ୍ୟାନ୍ୟ ଲୋକନାଟକରେ ମଧ୍ୟ ଏହାର ଉଦାହରଣ ବିରଳ ନୁହେଁ ।

**ହାସ୍ୟ ରସ** - ॥ ୩ ॥ କର୍ମକାନ୍ତ ଓ କୋଠୋର ସଂଗ୍ରାମମୟ ଜୀବନକୁ କେବଳ ହସ ହିଁ ନୂତନ ଶକ୍ତି ଯୋଗାଇପାରେ । ଜୀବନରେ ଭରି ଦେଇପାରେ ଅସରନ୍ତି ଆନନ୍ଦର ଧାରା । ସେଥିପାଇଁ

ଦୁଃଖରେ ବି ମଣିଷ ହସେ । କାରଣ ହସି ନପାରିଲେ ଜୀବନ କେବଳ କରୁଣ ହୋଇ ଉଠେ ନାହିଁ ବରଂ ଏକ ମୃତ ଉପତ୍ୟକା ପରି ପରିତ୍ୟକ୍ତ ହୋଇପଡେ । ତେଣୁ ଜୀବନରେ ହସର ପ୍ରୟୋଜନ ରହିଛି । କହିବା ବାହୁଲ୍ୟ ଲୋକନାଟକରେ ହାସ୍ୟର ଉପାଦାନ ପ୍ରଚୁର । ଅସଙ୍ଗତି ହାସ୍ୟରସର ଜନନୀ ଲୋକନାଟକରେ ଏହି ଅସଙ୍ଗତି ପ୍ରବଳ । 'ଦଣ୍ଡନାଟ'ର ଯୋଗୀ ଏବଂ ଯୋଗୀଆଣୀ ବୃତାନ୍ତ ମଧ୍ୟରେ ରହି ଏହି ଅସଙ୍ଗତି ହିଁ ଆତ୍ମପ୍ରକାଶ କରିଛି । ନାରୀଟିଏ ସନ୍ନ୍ୟାସ ଅବଲମ୍ବନ କରି ନିଜର ସ୍ୱାମୀଙ୍କୁ ଠାବ କରି ଘରକୁ ଫେରାଇ ନେବା ଏହି ଅସଙ୍ଗତିକୁ ସୂଚନା ଦିଏ ।

**କରୁଣ ରସ** - ପ୍ରିୟଜନର ମୃତ୍ୟୁ ବା ବିପଦର ଆଶଙ୍କା କରୁଣ ରସର ଉଦ୍ରେକ କରିଥାଏ । ଅଳଙ୍କାର ଶାସ୍ତ୍ରରେ ଏହାକୁ ଗୁରୁତ୍ୱ ଦିଆଯାଇଛି । ଲୋକନାଟକରେ ଆନନ୍ଦର ଫଲ୍‌ଗୁ ସର୍ବତ୍ର ପ୍ରବାହିତ ହୋଇଥିଲେ ହେଁ, କେତେକ ସ୍ଥଳରେ କରୁଣ ରସର ସୁ-ମଧୁର ପରିପ୍ରକାଶ ଘଟିଛି ।

**ବୀର ରସ** - ଲୋକନାଟକରେ ଯୁଦ୍ଧ ବର୍ଣ୍ଣନା ପ୍ରସଙ୍ଗରେ ବୀର ରସର ଅବତାରଣା କରାଯାଇଛି । ଚରିତ୍ରମାନଙ୍କର ଶୌର୍ଯ୍ୟ, ବୀର୍ଯ୍ୟ ଏବଂ ବୀରତ୍ୱର ଯଥାର୍ଥ ପରିପ୍ରକାଶରେ ଏହି ରସର ଅବତାରଣା ଘଟିଛି ।

**ବାତ୍ସଲ୍ୟ ରସ** - ଆମ ପାରିବାରିକ ଜୀବନରେ ମାତାପିତା ଏବଂ ସନ୍ତାନମାନଙ୍କର ସମ୍ପର୍କ ଅତ୍ୟନ୍ତ ନିବିଡ । ସନ୍ତାନ ମାତା ପାଇଁ ଗେଲ ବସରର । ତାକୁ ଖୁଆଇ ଦେବା, ବେଶ କରିବା, ତାର ସାମାନ୍ୟ ମାତ୍ର ବିପଦରେ ମାତୃ ହୃଦୟର ପରିଚୟ ସୁର୍ଲଭ । ବିଶେଷକରି କୃଷ୍ଣ ଲୀଳାରେ ଯଶୋଦାଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ଯେଉଁ ସ୍ନେହ ଓ ଆଦର ଭାବ ପ୍ରକାଶିତ, ତାହା ବାତ୍ସଲ୍ୟ ରସର ଯଥାର୍ଥ ନିଦର୍ଶନ । ବୈଷ୍ଣବ ପାଣିଙ୍କ 'ରଙ୍ଗରସ'ରେ କୃଷ୍ଣଙ୍କୁ ନେବା ପାଇଁ କଂସ ରଥ ପଠାଇ ଥିବା ଦେଖି ଯଶୋଦା ବ୍ୟସ୍ତ ହୋଇଛନ୍ତି ଏବଂ କୃଷ୍ଣଙ୍କୁ ନିଜ ପାଖରେ ରଖିବାକୁ ଆଗନ୍ତୁକଙ୍କୁ ବିଷ ଦେଇ ମାରିବା ପାଇଁ ଯୋଜନା କରିଛନ୍ତି ।

# PATTAMUNDAI COLLEGE , PATTAMUNDAI , KENDRAPARA

## DEPARTMENT OF ODIA

### EXTRA MURAL SEMINAR

### ATTENDANCE SHEET

Date-02.09.2017

| Sl.No | Name of the Reader/Lecturer | Signature |
|---|---|---|
| 1 | Dr.Nilamani Lenka | Nilamani Lenka |
| 2 | Smt Premalata Rout | Premalata Rout |
| 3 | Sri Pramod Kumar Swain | Pramod Kumar Swain |
| 4 | Smt.Laxmipriya Patra | Laxmipriya Patra |
| 5 | Dr. Dillip Ku. Mohapatra<br>Resource Person | Dillip Kumar Mohapatra |

# PATTAMUNDAI COLLEGE , PATTAMUNDAI , KENDRAPARA

## DEPARTMENT OF ODIA

Date- 02.09.2017

### EXTRA MURAL SEMINAR

### ATTENDANCE SHEET

| SL.No | Roll Number | Signature of the Student |
|---|---|---|
| 1 | BA-16-155 | ସୁଶ୍ରୀ ପ୍ରଜ୍ଞା ସାମନ୍ତ |
| 2 | BA-16-131 | ରଶ୍ମିତା ଦାସ |
| 3 | BA16-125 | Sarita Panda |
| 4 | BA16-40 | Goutam Behera |
| 5 | BA16-133 | Sonali Swain |
| 6 | BA16-160 | Monsika Senapati |
| 7 | BA17-174 | Sangita Das |
| 8 | BA17-024 | Prakash Kumar Behera |
| 9 | BA17-090 | Mamata Dalai |
| 10 | BA17-086 | Nisharani Tarai |
| 11 | BA17-280 | Sushree bala sahoo |
| 12 | BA17-112 | Sunakar sethi |
| 13 | BA17-071 | Rajeswari Singh |
| 14 | BA17-134 | Jasmin Sethi |
| 15 | BA17-150 | Rasmita Behera |
| 16 | BA-17-278 | Sasmita Pathi |
| 17 | BA17-081 | Amisha Sahoo |

# PATTAMUNDAI COLLEGE , PATTAMUNDAI , KENDRAPARA

## DEPARTMENT OF ODIA

### EXTRA MURAL SEMINAR

### ATTENDANCE SHEET

| SL.No | Roll Number | Signature of the Student |
|---|---|---|
| 18 | BA 17 - 204 | Sandhya Sagarika Barik |
| 19 | BA 17 - 19 | Soni Mahalik |
| 20 | BA-17-023 | Lochan Behera |
| 21 | BA-17-069 | Sukanti Sahoo |
| 22 | BA17-085 | Purnima Mahanta |
| 23 | BA17-084 | Jyotismita Parida |
| 24 | BA-17-056 | Barsarani Sahoo |
| 25 | BA 16-170 | Suryakanta Parida |
| 26 | BA16-053 | Sujata Das |
| 27 | BA16-073 | Rajasmita Giri |
| 28 | BA-17-184 | Priyanka Sethi |
| 29 | BA-16-081 | [illegible] |
| 30 | BA-16-83 | Seema Gahan |
| 31 | BA-16-090 | Chandrakanti Sethi |
| 32 | BA-16-97. | Menaka Malik |
| 33 | BA-16-109 | Janaki Sethy |
| 34 | BA-16-130 | Sasmita Biswal |



ଆଲୋଚକ ଅଧ୍ୟାପକ ଦିଲ୍ଲୀପ କୁମାର ମହାପାତ୍ରଙ୍କ ବକ୍ତବ୍ୟ



ବିଭାଗୀୟ ଅଧ୍ୟାପକ ଅଧ୍ୟାପିକା ବୃନ୍ଦ

ବାମରୁ ଡାହଣ - (ପ୍ରମୋଦ କୁମାର ସାଇଁ, ଡ.ନୀଳମଣୀ ଲେଙ୍କା,
ପ୍ରେମଲତା ରାଉତ, ଲକ୍ଷ୍ମୀପ୍ରିୟା ପାତ୍ର)



ଉପସ୍ଥିତ ଛାତ୍ରଛାତ୍ରୀ ବୃନ୍ଦ



ଉପସ୍ଥିତ ଛାତ୍ରଛାତ୍ରୀ ବୃନ୍ଦ